# ଅସରାଏ କାଳବୈଶାଖୀ ବର୍ଷାରେ ରାସ୍ତା ବେହାଲ




**ବିଞ୍ଝାରପୁର, ୨୬।୩ (ସମିସ)**

ଯାଜପୁର ଜିଲ୍ଲାର ବହୁ ପୁରାତନ ଶୈବ କ୍ଷେତ୍ର ବାବା ବରୁଣେଶ୍ୱର କ୍ଷେତ୍ରକୁ ଯାତାୟାତ ପାଇଁ ଥିବା ରାସ୍ତାଟି ଅସରାଏ କାଳବୈଶାଖୀ ବର୍ଷାରେ ବେହାଲ ହୋଇପଡ଼ିଛି। ବର୍ଷା ପାଣିରେ ରାସ୍ତା ବୁଡ଼ିଯାଇଛି। ମନ୍ଦିରକୁ ଯାତାୟତ ବାଧାପ୍ରାପ୍ତ ହେବା ସହ ଉକ୍ତ ରାସ୍ତାରେ ପାଣି ଜମି ରହିବା ଦ୍ୱାରା ଭକ୍ତ ମାନେ ମନ୍ଦିରକୁ ଆସିବା ସମୟରେ ନାହି ନଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ଗତକାଲି କାଳବୈଶାଖୀ ବର୍ଷା ହେବା ଫଳରେ ଏହି ରାସ୍ତାରେ ପାଣି ଜମି ରହିଥିଲା। ମନ୍ଦିର ନିକଟରେ ଥିବା ଦୋକାନୀମାନେ ପାଣି ନିଷ୍କାସନ ପାଇଁ ଉଦ୍ୟମ କରି ଅସ୍ଥାୟୀ ଭାବରେ ମାଟିକୁ ଖୋଳି ଡ୍ରେନ ମାଧ୍ୟମରେ ପାଣି ନିଷ୍କାସନ କରିଥିଲେ। ସବୁଠାରୁ ବଡ଼ କଥା ହେଲା ବାବା ବରୁଣେଶ୍ୱର କ୍ଷେତ୍ରକୁ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଭକ୍ତମାନେ ବାବାଙ୍କ ଦର୍ଶନ ନିମନ୍ତେ ଆସୁଥିବାବେଳେ ସେହି କ୍ଷେତ୍ରକୁ ଯାତାୟତ ପାଇଁ ମୁଖ୍ୟ ଦ୍ୱାରର ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇଛି। ପୂର୍ବ ସରକାର ସମୟରେ ମନ୍ଦିର ଉନ୍ନତୀକରଣ ପାଇଁ ଆସିଥିବା ଅର୍ଥରେ କାର୍ଯ୍ୟ ହୋଇ ପାରିନଥିବା ବେଳେ ଖୋଦ୍ ଏକ ମାସ ତଳେ ତତ୍କାଳୀନ ଜିଲ୍ଲାପାଳ ପି . ଅନ୍ୱେଷା ରେଡ୍ଡୀ ବରୁଣେଶ୍ୱର କ୍ଷେତ୍ର ପରିଦର୍ଶନ କରି ବର୍ତ୍ତମାନର ସରକାର ୫୦ ଲକ୍ଷ ଟଙ୍କାର ଅର୍ଥ ରାଶି ମଞ୍ଜୁର କରିଥିବା ପ୍ରକାଶ କରିଥିଲେ। ପୂର୍ବ ସରକାର ଅମଳର ଅର୍ଥରେ ଏହି କାର୍ଯ୍ୟ ହେବ, ନା ଆଉଥରେ ଅର୍ଥ ମଞ୍ଜୁର ହୋଇଛି ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ କ୍ଷେତ୍ରରେ ଲାଗି ରହିଥିବା ଜମି ବିବାଦ ତଥା ସୀମା ନିର୍ଦ୍ଧାରଣ କାର୍ଯ୍ୟ ଖୁବ୍‌ଶୀଘ୍ର ଶେଷ କରିବାକୁ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ ଜିଲ୍ଲାପାଳ। କିନ୍ତୁ ଜମି ଚିହ୍ନଟ ସରିଛି ହେଲେ ମନ୍ଦିରର ଉନ୍ନତୀକରଣ ପାଇଁ କୌଣସି ପ୍ରୟାସ ହେଉ ନଥିବା କଥା ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ମନ୍ଦିରର ସମ୍ମୁଖରେ ଥିବା ଦୋକାନୀ ପ୍ରଭାସ ବିଶ୍ୱାଳ କହିଛନ୍ତି ଯେ ବାବାଙ୍କୁ ଦର୍ଶନ କରିବା ପାଇଁ ନେତା, ଅଫିସର ଏବଂ ବହୁ ପର୍ଯ୍ୟଟକ ଆସୁଥିବାବେଳେ ଉନ୍ନତୀକରଣ ପାଇଁ କେହି ପ୍ରୟାସ କରୁନାହାନ୍ତି। ଏ ସମ୍ପର୍କରେ ସେବାୟତ ସୁରେନ୍ଦ୍ର ପଣ୍ଡା କୁହନ୍ତି ପ୍ରଶାସନକୁ ସେବାୟତଙ୍କ ପକ୍ଷରୁ ସମସ୍ତ ସହଯୋଗ କରିବା ପାଇଁ ପ୍ରତିଶ୍ରୁତି ଦିଆଯିବା ପରେ ବି ପ୍ରଶାସନ ମନ୍ଦିର ଉନ୍ନତୀକରଣ ପାଇଁ ଉଦ୍ୟମ ନକରି ଅର୍ଥ ରାଶି ବାରବାର ଫେରିଯିବା ଏକ ହାସ୍ୟାସ୍ପଦ ଘଟଣା। ଆଗକୁ ବର୍ଷାଦିନ ଥିବାବେଳେ ଏବେ କାଳବୈଶାଖୀ ବର୍ଷା ଯୋଗୁଁ ଲୋକେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ଦିଗରେ ପ୍ରଶାସନ ଦୃଷ୍ଟି ଦେବାକୁ ବିଭିନ୍ନ ମହଲରେ ଦାବି ହେଉଛି।

# ନବନିର୍ମାଣ କୃଷକ ସଂଗଠନ ଗଣପଦଯାତ୍ରାକୁ ସ୍ୱାଗତ



**ପାଣିକୋଇଲି, ୨୬।୩(ସମିସ) :** ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ କୃଷକମାନଙ୍କ ପ୍ରତି ଅହେତୁକ ଅବହେଳା ପ୍ରତିବାଦରେ ୨୨ ଦଫା ଦାବି ନେଇ ଘଟଗାଁ ମା' ତାରିଣୀ ପୀଠରୁ ଭୁବନେଶ୍ୱର କୃଷକ ଏକତା, ସତ୍ୟାଗ୍ରହ ଓ ଗଣ ପଦଯାତ୍ରା ବାହାରିଛି। ୨୨ ତାରିଖରୁ ଆରମ୍ଭ ହୋଇଥିବା ଏହି ଯାତ୍ରା ୩୧ ତାରିଖରେ ଭୁବନେଶ୍ୱରରେ ପହଞ୍ଚିବ। ଏହି କ୍ରମରେ ଗଣ ପଦଯାତ୍ରୀ ଦଳଙ୍କୁ ପାଣିକୋଇଲିରେ ସ୍ୱାଗତ କରାଯାଇଛି। ପାଣିକୋଇଲି ମା' ତାରିଣୀ ମନ୍ଦିରରେ ବିଶ୍ରାମ କରି ପୁଣି ପଦଯାତ୍ରା ଆରମ୍ଭ କରିଥିଲେ। ୬୦ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ବ୍ୟକ୍ତିଙ୍କ ଭତ୍ତା ୩୫୦୦, ଧାନର ଏମ୍‌ଏସ୍‌ପି ୫ହଜାର, କୃଷକଙ୍କୁ ୧୦ ହଜାର ପେନସନ, ଏଫ୍‌କ୍ୟୁ ନାମରେ କଟନୀ ଛଟନୀ ବନ୍ଦ, ପ୍ରତି ପଞ୍ଚାୟତରେ ଗୋଶାଳା, ବନ୍ୟଜନ୍ତୁଙ୍କ ଦାଉରୁ ରକ୍ଷା ପାଇଁ ଆଶୁ ସମାଧାନ, ପ୍ରତି ବ୍ଲକରେ ଶୀତଳ ଭଣ୍ଡାର, ରିଲିଫ କୋର୍ଡର ସଂଶୋଧନ, ଭାଗ ଚାଷୀଙ୍କୁ କୃଷକର ମାନ୍ୟତା ଓ ମଣ୍ଡି ସୁବିଧା, ଶିକ୍ଷା ଓ ସ୍ୱାସ୍ଥ୍ୟକୁ ବ୍ୟବସାୟୀ ମୁକ୍ତ, ବୀମା କମ୍ପାନୀଙ୍କ ଦ୍ୱାରା ଘୋଷଣା ମୁକ୍ତ, ଚାଷୀଙ୍କୁ ବିଦ୍ୟୁତ ଶୁଳ୍କ ଛାଡ଼, ଟାଟା ପାୱାର ଶୋଷଣ ବିରୋଧରେ ବିଦ୍ୟୁତ ବିଭାଗକୁ ନିଜକୁ ହାତକୁ ନେବା ସହ ସ୍ମାର୍ଟ ମିଟର ବନ୍ଦ କରିବା କୃଷି ପ୍ରକ୍ରିୟା ଶିଳ୍ପ ଓ ବୟନ ଶିଳ୍ପକୁ ବ୍ୟାପକ କରିବା ଆଦି ଦାବିରେ ଏହି କାର୍ଯ୍ୟକ୍ରମ କରାଯାଇଛି। ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର, ରାଜ୍ୟ ଆବାହକ ଏମ୍‌ଡି ମନୱର ଅଲ୍ଲୀ, ଅଶୋକ କୁମାର ସେଠୀ, କୁଳମଣି ବାରିକ, ଗଣେଶ ବେହେରା, ରଞ୍ଜିତ ପଟ୍ଟନାୟକ, ଅର୍ଜୁରାମ ଜେନା, ଦୀନେଶ ଦାସ, ଇରା ପ୍ରଧାନ, ଖଗେଶ୍ୱର ମହାନ୍ତ, ରାୟମଣି ବିଶ୍ୱାଳ, ମଞ୍ଜୁ ସେଠ, କୃଷ୍ଣଚନ୍ଦ୍ର ନାୟକ, ହୃଷିକେଶ ପ୍ରଧାନ, ଦାଶରଥି ସ୍ୱାଇଁ ପ୍ରମୁଖ ସାମିଲ ହୋଇଥିଲେ।

# ଆଇନ ସଚେତନତା ଶିବିର




**ବରୀ, ୨୬।୩(ସମିସ) :** ରାଜ୍ୟ ମହିଳା ଆୟୋଗ, ଭୁବନେଶ୍ୱର ଓ ଶିଶୁ ବିକାଶ ବିଭାଗ, ବରୀ ଆନୁକୂଲ୍ୟରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ବରୀର ସର୍ବ ପୁରାତନ ଶିକ୍ଷାନୁଷ୍ଠାନ ଗୋପବନ୍ଧୁ ଚୌଧୁରୀ ମହାବିଦ୍ୟାଳୟ ପରିସରରେ ବିଦ୍ୟାଳୟର ଅଧ୍ୟାପିକା ସସ୍ମିତା ମଲିକଙ୍କ ସଞ୍ଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟ ମହିଳା କମିଶନ ସଦସ୍ୟା ଡ. କଳ୍ପନା ମଲିକ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରିଣୀ ପାର୍ବତୀ ସାହୁ, ପ୍ରୋଟେକ୍ସନ ଅଫିସର, ଆଇନଜୀବୀ ଚିତ୍ତରଞ୍ଜନ ଓଝା, ବରୀ ବିଡିଓ ଅସିତ୍ କୁମାର ମହାନ୍ତି, ଥାନା ଅଧିକାରିଣୀ ହେମଲତା ଦାସ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜଣେ ମହିଳା ପ୍ରଥମେ ଆଇନକୁ ଭଲ ଭାବରେ ବୁଝିପାରିଲେ ଯାଇ ଏହାକୁ ଉପଯୋଗ କରିପାରିବ ବୋଲି ମତପ୍ରକାଶ ପାଇଥିଲା। ଏ କ୍ଷେତ୍ରରେ ଅଭିଭାବକ ମାନଙ୍କ ଭୂମିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ବରୀ ବିଡିଓ ଶ୍ରୀ ମହାନ୍ତି କହିଥିଲେ ଯେ ଭବିଷ୍ୟତରେ ଏଭଳି କାର୍ଯ୍ୟକ୍ରମକୁ ବ୍ୟାପକ କରିବାକୁ ଖୋଲା ମଞ୍ଚରେ ସଚେତନ କରାଯିବା ଉଚିତ। କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବରେ ଡାକ୍ତର ଶଶିକାନ୍ତ ସାହୁ, ବିପିଏମ୍‌ଓ ପ୍ରଫୁଲ୍ଲ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିବା ବେଳେ ଶିଶୁ ବିକାଶ ଅଧିକାରିଣୀ ତରଙ୍ଗିଣୀ ସାହୁ କାର୍ଯ୍ୟକ୍ରମ ପରିଚାଳନାର ତଦାରଖ କରିଥିଲେ। ମହିଳା ଶିଶୁ ବିକାଶ ବିଭାଗ ସୁପରଭାଇଜର ସ୍ୱର୍ଣ୍ଣଲତା ପାଣିଗ୍ରାହୀ, ଆରତି ସାମଲ, ସୁଜାତା ବେହେରା ଓ କର୍ମଚାରୀ ସରୋଜ କୁମାର କର, ସଞ୍ଜୟ ନାୟକ, ବିଶ୍ୱଜିତ ବେହେରାଙ୍କ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ଶିବିରରେ ଶତାଧିକ ସଂଖ୍ୟକ ଅଙ୍ଗନବାଡ଼ି କର୍ମୀ, ସହକର୍ମୀ, ଆଶାକର୍ମୀ ଓ ମହାବିଦ୍ୟାଳୟର ବହୁ ସଂଖ୍ୟକ ଛାତ୍ରୀ ଅଂଶ ଗ୍ରହଣ କରିଥିଲେ।

## ମଙ୍ଗଳପୁର- ଦାଣ୍ଡିସାହି ମୁଖ୍ୟମନ୍ତ୍ରୀ ସଡ଼କ ନିର୍ମାଣ କାର୍ଯ୍ୟ ନିମ୍ନମାନର

# ମାଟିମିଶା ବାଲିରେ ହେଉଛି ଢଳେଇ କାର୍ଯ୍ୟ






**ମଙ୍ଗଳପୁର, ୨୬।୩(ସମିସ):** ଦଶରଥପୁର ବ୍ଲକ ମଙ୍ଗଳପୁର ଦାଣ୍ଡିସାହି ଭାୟା କର୍ଣ୍ଣଦାଣ୍ଡି ମୁଖ୍ୟମନ୍ତ୍ରୀ ସଡ଼କ ରାସ୍ତାଟି ବର୍ତ୍ତମାନ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଉନ୍ନତୀକରଣ କାର୍ଯ୍ୟ କରାଯାଉଛି। ଅଧୀକ୍ଷଣ ଯନ୍ତ୍ରୀ ଗ୍ରାମ୍ୟ ନିର୍ମାଣ ବିଭାଜନ ଯାଜପୁର-୧ ଓଡ଼ିଶା ସରକାରଙ୍କ ଅଧୀନରେ ଏହି ରାସ୍ତା କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ ରାସ୍ତା ନିର୍ମାଣ ଦାୟିତ୍ୱ ତାରିଣୀ କଣ୍ଡେଭ ପ୍ରାଇଭେଟ ଲିମିଟେଡ୍‌କୁ ଦିଆଯାଇଛି। ୬ କିମି ୩୫୦ ମିଟର ଲମ୍ବ ଏହି ରାସ୍ତା ନିର୍ମାଣ ପାଇଁ ୬୨୮. ୨୭ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଥିବାବେଳେ ୪-୨-୨୦୨୬ ରିଖରୁ କାର୍ଯ୍ୟ ଆରମ୍ଭ ହୋଇ ୩-୧୧-୨୬ ରିଖ ମଧ୍ୟରେ ରାସ୍ତା କାର୍ଯ୍ୟ ଶେଷ କରିବା ପାଇଁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ରହିଛି। ପରେ ୫ବର୍ଷ ରକ୍ଷଣାବେକ୍ଷଣ ନିମନ୍ତେ ୨୧. ୭୧ ଲକ୍ଷ ଟଙ୍କା ବିଭାଗ ପକ୍ଷରୁ ମଞ୍ଜୁର କରାଯାଇଛି। ମାତ୍ର ପୂର୍ବରୁ ଥିବା ରାସ୍ତାର ୨ ପାର୍ଶ୍ୱରେ ୩ ଫୁଟ ଚଉଡ଼ାର ରାସ୍ତା ବର୍ଦ୍ଧିତ କରାଯାଉଥିବା ବେଳେ ନିୟମ ଅନୁଯାୟୀ ଏହି ବର୍ଦ୍ଧିତ ରାସ୍ତା କାର୍ଯ୍ୟ ଠିକ୍ ଭାବେ କରାଯାଉ ନ ଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ ପ୍ରଥମେ ୩ ଫୁଟ ରାସ୍ତାରୁ ମାଟି କାଟି ବାଲି ଡଷ୍ଟ ଫର୍ଟି ମେଟାଲ ଦେବା ପରେ ପାଣି ଦେଇ ରୋଲିଂ କରାଯିବ। ପରେ ଢଳେଇ କରାଯିବା କଥା। ମାତ୍ର ତାହା ନକରି ଠିକାଦାର ଜଣକ କେବଳ ମାଟି କାଟି ବାଲି ଫିଲିଂ କରି ବାଲି ଉପରେ ପ୍ରଥମ ଢଳେଇ କରି ତା' ଉପରେ ତରବରିଆ ଭାବେ ମୁଖ୍ୟ ଢଳେଇ କାର୍ଯ୍ୟ କରୁଥିବା ଦେଖିବା ପାଇଁ ମିଳିଛି। ନିୟମ ଅନୁଯାୟୀ ଢଳେଇ କରାଯାଉ ନଥିବାବେଳେ ଅତ୍ୟନ୍ତ ନିମ୍ନମାନର କାର୍ଯ୍ୟ କରାଯାଉ ଥିବାରୁ ବର୍ତ୍ତମାନ ସାଇଡ୍‌ରେ ଯେଉଁ ଢଳେଇ କରାଯାଇଥିଲା ତାହା ଭାଙ୍ଗି ଯାଉଥିବା ଦେଖିବାକୁ ମିଳିଛି। ଏ ବିଷୟରେ ସ୍ଥାନୀୟ ଲୋକେ ବାରମ୍ବାର ବିଭାଗୀୟ ଜେଇଙ୍କୁ ଜଣାଇଲେ ମଧ୍ୟ ଜେଇ କାର୍ଯ୍ୟସ୍ଥଳକୁ ଆଦୌ ଆସୁନଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଫିଲିଙ୍ଗ ବାଲିରେ ଢଳେଇ କାର୍ଯ୍ୟ କରାଯାଉଥିବା ବେଳେ ଏଷ୍ଟିମେଟ ଅନୁଯାୟୀ ସିମେଣ୍ଟ ଦିଆଯାଉ ନ ଥିବାରୁ ରାସ୍ତାର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେହିପରି କାର୍ଯ୍ୟସ୍ଥଳକୁ ଠିକାଦାର ଆଦୌ ଆସୁନଥିବାବେଳେ ସୁପରଭାଇଜର ନିଜର ଇଚ୍ଛା ମୁତାବକ କାର୍ଯ୍ୟ କରୁଛନ୍ତି ବୋଲି ସ୍ଥାନୀୟ ଲୋକ ପ୍ରତିନିଧିମାନେ ଅଭିଯୋଗ କରିଛନ୍ତି। ତେଣୁ ରାସ୍ତା କାର୍ଯ୍ୟରେ ହେଉଥିବା ଅନିୟମିତତାର ତଦନ୍ତ କରି ଏଥିରେ ସମ୍ପୃକ୍ତ ଅଧିକାରୀ ଓ ଠିକାଦାରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଯାଜପୁର ଜିଲ୍ଲାପାଳଙ୍କ ନିକଟରେ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି।

# ବ୍ୟକ୍ତିଗତ ଜମିକୁ ଖୋଳିଦେଲା ଗ୍ରାମ୍ୟ ଉନ୍ନୟନ ବିଭାଗ



**ବିଞ୍ଝାରପୁର, ୨୬। ୩ (ସମିସ):** ଯାଜପୁର ଜିଲ୍ଲା ବିଞ୍ଝାରପୁର ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଜନୈକ ବ୍ୟକ୍ତିଙ୍କ ବ୍ୟକ୍ତିଗତ ଜମିକୁ ବିନା ଅନୁମତିରେ ଖୋଳି ଗାର୍ଡୱାଲ୍ ନିର୍ମାଣ କରିବାକୁ ଉଦ୍ୟମ କରାଯାଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ, ହଳଦୀଡିଆ ପଞ୍ଚାୟତ ଅଧୀନ ଅଣ୍ଡାଳଠାରୁ ମାଟିଆକଣ ପର୍ଯ୍ୟନ୍ତ ରାସ୍ତା ଢଳେଇ କାମ ଚାଲିଛି। ଏହି ରାସ୍ତାର ସୁରକ୍ଷା ପାଇଁ ଖାଲ ପାର୍ଶ୍ୱରେ ଗାର୍ଡ ୱାଲ୍ ନିର୍ମାଣ କରିବା ନିୟମ ରହିଛି। ତେବେ ବିଭାଗ କେନାଲ ପାର୍ଶ୍ୱକୁ ଅବହେଳା କରି ବ୍ୟକ୍ତିଗତ ଜମିକୁ ଖୋଳି ଗାର୍ଡୱାଲ ନିର୍ମାଣ କରୁଥିବା ଜମି ମାଲିକ ଗ୍ରାମର ପ୍ରଶାନ୍ତ କୁମାର ନାୟକ ଅଭିଯୋଗ କରିଛନ୍ତି। ସେ ଜଣାଇଛନ୍ତି ଯେ ତାଙ୍କ ଖାତା ନମ୍ବର ୪୦୮ ଓ ପ୍ଲଟ ନମ୍ବର ୯୮୦, ବଳଭଦ୍ରପୁର ମୌଜାରେ ଥିବା ବ୍ୟକ୍ତିଗତ ଜମିକୁ ତାଙ୍କ ବିନା ଅନୁମତି ଓ ଅଜଣାତରେ ଖୋଳାଯାଇଛି। ତେଣୁ ତୁରନ୍ତ କାମ ବନ୍ଦ କରାଯାଉ ଏବଂ ଖୋଳାଯାଇଥିବା ଜମିକୁ ପୁନର୍ବାର ମାଟି ପକାଇ ସମତଳ କରାଯାଉ। ଏହାସହ ସେ ସଚେତନ କରିଛନ୍ତି ଯେ, ଯଦି ଏଭଳି କାର୍ଯ୍ୟର ପୁନରାବୃତ୍ତି ହୁଏ, ସେ ଆଇନଗତ ପଦକ୍ଷେପ ନେବେ। ଅନ୍ୟପକ୍ଷେ ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ଠାରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

# ବଳରାମପୁରରେ ଶ୍ରୀରାମନବମୀ

**କବାଟବନ୍ଧ, ୨୬।୩(ସମିସ):** ଧର୍ମଶାଳା ବ୍ଲକ ତାଳଜଙ୍ଗ ପଞ୍ଚାୟତ ବଳରାମପୁର ତଳଗଡ଼ଠାରେ ଥିବା ରାମ ଟୁଙ୍ଗୀ ଠାରେ ଶ୍ରୀରାମ ନବମୀ ପୂଜା ଅନୁଷ୍ଠିତ ହେଉଛି। ଗ୍ରାମବାସୀଙ୍କ ସହଯୋଗରେ ଆୟୋଜିତ ଏହି ଉତ୍ସବ ଶ୍ରୀରାମ ନବମୀ ତିଥିରୁ ଆରମ୍ଭ ହୋଇ ଆସନ୍ତା ୨୮ ତାରିଖରେ ଶେଷ ହେବ। ରୀତିନୀତି ଅନୁଯାୟୀ ବୁଧବାର କଳସାବାସ, ଗ୍ରାମ ପରିକ୍ରମା ସହିତ ସମସ୍ତ ପୂଜା କାର୍ଯ୍ୟ ସମ୍ପାଦନ ହେଉଛି। ଏହି ଅବସରରେ ନାମ ସଂକୀର୍ତ୍ତନ, ଲଉଡ଼ି ଖେଳ, ଭଜନ ପରିବେଷଣ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ପ୍ରତ୍ୟେହ ଦିବାରାତ୍ର ପ୍ରସାଦ ସେବନର ବ୍ୟବସ୍ଥା ହୋଇଛି। ହଜାର ହଜାର ଭକ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇ ମହାପ୍ରଭୁଙ୍କ ଆଶୀର୍ବାଦ ଲାଭ କରୁଛନ୍ତି।

# ସିଂହପୁରରେ ମହିମା ଅଲେଖ ବ୍ରହ୍ମଧୁନି ମହାଯଜ୍ଞ

**ସିଂହପୁର, ୨୬।୩(ସମିସ):** ବିଂଝାରପୁର ବ୍ଲକ ସିଂହପୁରସ୍ଥିତ କାକୁଡ଼ିପଡ଼ିଆ ଠାରେ ତୃତୀୟ ବାର୍ଷିକ ମହିମା ବ୍ରହ୍ମଧୂନି ମହାଯଜ୍ଞ ଅନୁଷ୍ଠିତ ହୋଇଛି। ଏହି ଯଜ୍ଞ ୨୫ ତାରିଖରୁ ଆରମ୍ଭ ହୋଇ ୨୭ ତାରିଖ ଦିନ ଉଦ୍‌ଯାପିତ ହେବ। ଯଜ୍ଞ ରୀତି ଅନୁସାରେ ପାଳିତ ହେଉଛି। ଯଜ୍ଞରେ ପାଗଳା ବାବା, ସୁଜନ ବାବା, ନଟ ବାବା, କେଶବ ବାବା, ଚିତ୍ତ ବାବା, ସ୍ୱାଧୀନ ବାବା, ବିକାଶ ବାବା, ଇନ୍ଦ୍ରମଣି ବାବା, ପୂର୍ଣ୍ଣାନନ୍ଦ ବାବା ପ୍ରମୁଖ ସାଧୁମାନେ ଯୋଗ ଦେଇ କାର୍ଯ୍ୟ ସଞ୍ଚାଳନ କରୁଛନ୍ତି। ଗ୍ରାମରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି। ମହିମା ମେଳା ଯଜ୍ଞ କମିଟିର ସଦସ୍ୟ ଯଜ୍ଞ କାର୍ଯ୍ୟକ୍ରମ ପରିଚାଳନରେ ସହଯୋଗ କରୁଛନ୍ତି।



# ସେଣ୍ଟ୍ ଜାଭିୟର୍ ପବ୍ଲିକ୍ ସ୍କୁଲର ବାର୍ଷିକୋତ୍ସବ

**ବରୀ, ୨୬।୩(ସମିସ):** ବରୀ ବ୍ଲକ ଅରଙ୍ଗାବାଦଠାରେ ଥିବା ସେଣ୍ଟ ଜାଭିୟର ପବ୍ଲିକ୍ ସ୍କୁଲର ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଏହି ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୃଷ୍ଣ ପ୍ରସାଦ କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବରୀ ତହସିଲଦାର ଦୀପ୍ତିମୟୀ ବେହେରା, ମୁଖ୍ୟ ବକ୍ତା କୁଞ୍ଜ ବିହାରୀ ଦାଶ, ସମ୍ମାନିତ ଅତିଥି ବରୀ ଥାନା ଅଧିକାରିଣୀ ହେମଲତା ଦାସ, ବିଦ୍ୟାଳୟର ପ୍ରତିଷ୍ଠାତା ଭରତ ଭୂଷଣ ସାହୁ, ନିର୍ଦ୍ଦେଶକ ଅଭିନ୍ନ କୁମାର ସାମଲ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଅତିଥିଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପରେ କାର୍ଯ୍ୟକ୍ରମର ଆରମ୍ଭ ହୋଇଥିଲା। ଅତିଥିମାନେ ପିଲାମାନଙ୍କୁ ପୁସ୍ତକ ମନସ୍କ ହେବା ସହ ଉତ୍ତମ ଚରିତ୍ର ଗଠନ ଓ ସମାଜ ପାଇଁ ନିଜର କର୍ତ୍ତବ୍ୟ ସମ୍ପାଦନ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପ୍ରମାଣ ପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀଙ୍କ ସହଯୋଗରେ ଉଦ୍‌ଘାଟନୀ ମଞ୍ଚକୁ ପରିଚାଳନା କରିଥଲେ। ଶେଷରେ ବିଦ୍ୟାଳୟର ଛାତ୍ର ଛାତ୍ରୀଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମକୁ ଅଭିଭାବକ, ସ୍ଥାନୀୟ ଲୋକମାନେ ଉପଭୋଗ କରିଥିଲେ।



# ନାବାଳିକା ଅପହରଣ ମାମଲାରେ ଅଭିଯୁକ୍ତ କୋର୍ଟ ଚାଲାଣ

**ପାଣିକୋଇଲି, ୨୬।୩(ସମିସ):** ପାଣିକୋଇଲି ଥାନା କରଦା ପଞ୍ଚାୟତ ଗୋପୀନାଥପୁର ଗ୍ରାମର ବଂଶୀଧର ଦଳେଇଙ୍କ ନାବାଳିକା ଝିଅ ଅପହରଣ ନେଇ ୨୦୨୫ ଜୁନ ୨୬ ତାରିଖ ଏତଲା ଦେଇଥିଲେ। ଏନେଇ ପୁଲିସ ୧୯୧/୨୫ରୁଜୁ କରି ତଦନ୍ତ ଜାରି ରଖିଥିଲା। ବହୁଖୋଜାଖୋଜି ପରେ ପୁଲିସ ସେମାନଙ୍କୁ ଉଦ୍ଧାର କରିପାରିନଥିଲା। ତଦନ୍ତଧିକାରୀ ବିଶ୍ୱରଞ୍ଜନ ଦାସ ଏହାର ତଦନ୍ତ କରୁଥିଲେ। କେଉଁଝର ଜିଲ୍ଲା ସୋସୋ ଥାନା ଅନ୍ତର୍ଗତ ପଦସିଂଗିଡି ଗ୍ରାମର ସରୋଜ ନାୟକ(୨୦) ଅପହରଣ କରିଥିବାର ଜାଣିବାକୁ ପାଇଥିଲେ। ସରୋଜ କରଦା ଏକ ମିକଶ୍ଚର ଫ୍ୟାକ୍ଟ୍ରିରେ କାମ କରୁଥିବା ବେଳେ ନାବାଳିକା ସହ ତାର ପ୍ରେମ ସମ୍ପର୍କ ଗଢି ଉଠିବାରୁ ସେ ତାକୁ ନେଇ ପଳାଇଥିଲା। ବର୍ତ୍ତମାନ ନାବଳିକା ୫ମାସର ଗର୍ଭବତୀ ରହିଛି। ପୁଲିସ ଚଡାଉ କରି ଭଦ୍ରକରୁ ଅପହରଣକାରୀ ଓ ଅପହର୍ତ୍ତାକୁ ଧରିବାରେ ସକ୍ଷମ ହୋଇଛି। ଆଜି ଅଭିଯୁକ୍ତ ସରୋଜକୁ ଗିରଫ କରି ଅଦାଲତ ଚାଲାଣ କରାଯାଇଛି।

# ଇଣ୍ଡିଆ ଓପନ ଅନ୍ତର୍ଜାତୀୟ କିକ୍ ବକ୍ସିଂ ପ୍ରତିଯୋଗିତାରେ ଯାଜପୁରର ସଫଳତା

**ଯାଜପୁର, ୨୬।୩(ସମିସ):** କେଡି ଯାଦବ ଷ୍ଟାଡିୟମ, ନୂଆଦିଲ୍ଲୀରେ ଅନୁଷ୍ଠିତ ଇଣ୍ଡିଆ ଓପନଅନ୍ତର୍ଜାତୀୟକିକ୍‌ବକ୍ସିଂ ପ୍ରତିଯୋଗିତାରେ ଉନ୍ନତ ପ୍ରଦର୍ଶନ କରି ଯାଜପୁରର ଦୁଇ ପ୍ରତିଯୋଗୀ ସୁଶ୍ରୀ ସୋନାଲୀ ଅସୀମା ସୂତାର ଓ ସୁଶ୍ରୀ ମଧୁସ୍ମିତା ପୃଷ୍ଟି ଯାଜପୁର ପାଇଁ ସୁନାମ ଆଣିଛନ୍ତି। ଉକ୍ତ ପ୍ରତିଯୋଗିତାରେ ୱାକୋ ଇଣ୍ଡିଆ ତରଫରୁ ବାଳିକା ବିଭାଗରେ ଯାଜପୁରର ୨ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ଉକ୍ତ ପ୍ରତିଯୋଗିତାରେ ଯାଜପୁରର କିକ୍ ବକ୍ସିଂ ଦଳର ସୋନାଲି ଅସୀମା ସୂତାର ୨ଟି ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ, ମଧୁସ୍ମିତା ପୃଷ୍ଟି ଗୋଟିଏ କାଂସ୍ୟ ପଦକ ହାସଲ କରି ଯାଜପୁର ଓ ଓଡ଼ିଶା ପାଇଁ ସୁନାମ ଆଣିଛନ୍ତି। ଏହି ସଫଳତା ପାଇଁ ଖେଳ ଓ ଯୁବ ବ୍ୟାପାର ବିଭାଗ, ଓଡ଼ିଶା ସରକାର ଖେଳାଳିମାନଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରି ସମ୍ବର୍ଦ୍ଧିତ କରିଛନ୍ତି। ଏହି ସଫଳତା ପାଇଁ ଡକ୍ଟର ରଞ୍ଜନ କୁମାର ବେହେରା, ଅଧ୍ୟକ୍ଷ, ନରସିଂହ ଚୌଧୁରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ଯାଜପୁର ସୋନାଲୀ ଅସୀମା ସୂତାରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଯାଜପୁର ସ୍ପୋର୍ଟସ କିକ୍ ବକ୍ସିଂ ସଂଘର ସଭାପତି ବଟକୃଷ୍ଣ ମହାପାତ୍ର, ମିଡିଆ ପରାମର୍ଶଦାତା ତପନ ମହାନ୍ତି, ଯାଜପୁର କ୍ରୀଡ଼ା ଅଧିକାରୀ, ଫକୀର ମୋହନ ଟୁଡୁ, ୱାକୋ ଓଡ଼ିଶା ସଭାପତି କାର୍ତ୍ତିକ ଡାକୁଆ, ଦିବ୍ୟ ଲୋଚନ ସିଂହ, ଜ୍ୟୋତିର୍ମୟ ନାଥଶର୍ମା, ପ୍ରକାଶ ଲାଲା, ଲୋକନାଥ ମହାପାତ୍ର, ସସ୍ମିତା ରଣା, ପ୍ରଶିକ୍ଷକ ଭାଗ୍ୟଶ୍ରୀ ମହାପାତ୍ର, ରିତେନ୍ଦ୍ର ବିଶ୍ୱାଳ, ସଞ୍ଜୀବ ଭଦ୍ର, କିଶାନ ପଣ୍ଡା, ଜିତେନ୍ଦ୍ର ମହାନ୍ତି, ଶ୍ୟାମସୁନ୍ଦର ବେହେରା ଓ କ୍ଷୀରୋଦ ହାତୀ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।




# ରାମନବମୀ ପାଇଁ ମଠ ମନ୍ଦିରରେ ବ୍ୟାପକ ପ୍ରସ୍ତୁତି

**ସିଂହପୁର, ୨୬।୩(ସମିସ) :** ପବିତ୍ର ରାମନବମୀ ପାଳନ ପାଇଁ ବିଂଝାରପୁର ଅଞ୍ଚଳରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି। ଗ୍ରାମର ବିଭିନ୍ନ ମଠ, ମନ୍ଦିର ଓ ବିଶେଷକରି ହନୁମାନ ମନ୍ଦିରମାନଙ୍କରେ ଜୋରଦାର ପ୍ରସ୍ତୁତି ଚାଲିଛି। ମଇଦା ନାମ ମନ୍ଦିର, ଅରେଇ ହନୁମାନ ମନ୍ଦିର, ବିଂଝାରପୁର ହନୁମାନ ମନ୍ଦିର, କାକୁଡ଼ିପଡ଼ିଆ ହନୁମାନ ମନ୍ଦିର, ରୁଦ୍ରପୁର ହନୁମାନ ମନ୍ଦିର ଆଦି ସ୍ଥାନରେ ପୂଜା ପାଇଁ ଆକର୍ଷଣୀୟ ଆଲୋକ ସଜ୍ଜା, ଫୁଲମାଳା ଓ ବିଭିନ୍ନ ଧାର୍ମିକ ସଜାବଟି ସାମଗ୍ରୀରେ ସଜାଯାଉଛି। ସ୍ଥାନୀୟ ଯୁବକ ଓ ପୂଜା କମିଟି ସଦସ୍ୟମାନେ ମିଶି ମନ୍ଦିର ପରିସରକୁ ସୁନ୍ଦର ଓ ପରିଚ୍ଛନ୍ନ କରିବାରେ ବ୍ୟସ୍ତ ଅଛନ୍ତି। ରାମନବମୀ ଅବସରରେ ଭଗବାନ ଶ୍ରୀରାମଙ୍କ ଜନ୍ମୋତ୍ସବକୁ ଉତ୍ସାହ ଓ ଶ୍ରଦ୍ଧାର ସହ ମନାଇବା ପାଇଁ ବିଶେଷ ପୂଜା, ହୋମ-ଯଜ୍ଞ, ଭଜନ-କୀର୍ତ୍ତନ ଓ ପ୍ରସାଦ ବଣ୍ଟନ ଭଳି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଏହା ସହିତ ଶୋଭାଯାତ୍ରା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ମଧ୍ୟ ବ୍ୟାପକ ପ୍ରସ୍ତୁତି ଚାଲିଛି।

ସୁରକ୍ଷା ବ୍ୟବସ୍ଥାକୁ ମଧ୍ୟ ମଜବୁତ କରାଯାଇଛି। ବିଂଝାରପୁର ଥାନା ଅଧିକାରୀ ବିଲ୍ୱମଙ୍ଗଳ ସେଠୀ ଓ ପାର୍ବତୀ ମଲ୍ଲିକଙ୍କ ନେତୃତ୍ୱରେ ପୁଲିସ କର୍ମୀମାନେ ଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ବ୍ୟବସ୍ଥା କରିଛନ୍ତି।



ସ୍ୱେଚ୍ଛାସେବୀମାନେ ମଧ୍ୟ ଭକ୍ତଙ୍କୁ ସହଯୋଗ କରିବାରେ ନିଯୁକ୍ତ ହୋଇଛନ୍ତି। ସମଗ୍ର ବିଂଝାରପୁର ଅଞ୍ଚଳ ଏବେ ଭକ୍ତି, ଉତ୍ସାହ ଓ ଆନନ୍ଦରେ ମଗ୍ନ ହୋଇପଡ଼ିଛି। ରାମନବମୀ ପାଳନକୁ ନେଇ ଲୋକମାନଙ୍କ ମନରେ ଉତ୍ସାହ ଦେଖିବାକୁ ମିଳିଛି।

# 'ଜିଲ୍ଲାପାଳ ନିଜ ତତ୍ତ୍ୱାବଧାନରେ ଧାନ କିଣନ୍ତୁ'

**ଯାଜପୁର, ୨୬।୩(ସମିସ)**

ଯାଜପୁର ସହରର ଗଣେଶ ମଣ୍ଡପରେ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଧାନମଣ୍ଡିରେ ଅଭାବୀ ଧାନ ବିକ୍ରିକୁ ନେଇ ସମୟସୀମା ପୂର୍ବରୁ ଜିଲ୍ଲାର ସମସ୍ତ ଉତ୍ପାଦିତ ଧାନ କିଣିବା ପରିପ୍ରେକ୍ଷୀରେ ଏକ ସାମ୍ବାଦିକ ସମ୍ମିଳନୀ କରାଯାଇଥିଲା। ସୂଚନାଯୋଗ୍ୟ ଯେ, ଗତ ୨୩ ତାରିଖରେ ଯାଜପୁର ଜିଲ୍ଲା ମହୋତ୍ସବ ମଞ୍ଚରେ ନବନିର୍ମାଣ କୃଷକ ସଂଗଠନର ପ୍ରତିବାଦ ସହ ଆଗାମୀ ଦିନରେ ଜିଲ୍ଲାପ୍ରଶାସନର ଚେଇଁ ଶୋଇବା ନୀତି ବିରୁଦ୍ଧରେ ଆଜିର ଏହି ସାମ୍ବାଦିକ ସମ୍ମିଳନୀ ବୋଲି ସଙ୍ଗଠନର ରାଜ୍ୟ ସହ ସଂଯୋଜକ ନିମାଇଁ ରାୟ କହିଛନ୍ତି। ଆହୁରି ଏ କଥା ମଧ୍ୟ କହିଛନ୍ତି ଯେ, ସେଦିନ ଯେଉଁ ଚାଷୀ ପ୍ରତିବାଦ କରିବାକୁ ଆସିଥିଲେ, ତା'ର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଯେ- ଚାଷୀଙ୍କ ଧାନ ବିକ୍ରି କିପରି ସୁଗମ ହେବ। ଆମେ ପ୍ରତିବାଦ କରି ଗିରଫ ହେଲୁ, ଜାମିନରେ ଆସିଲୁ ମାତ୍ର ଧାନ କିଣା ବିଷୟରେ ଆମ ସହିତ କେହି ଆଲୋଚନା କଲେ ନାହିଁ। ଫଳତଃ ଧାନ ବସ୍ତା ଚାଷୀର ଘରେ ଏଯାବତ ପଡ଼ିରହିଛି। ଯେହେତୁ ମଣ୍ଡିର ସମୟ ଅବଧି ମାର୍ଚ୍ଚ ୩୧ ତାରିଖ ରହିଛି, ସରକାର ତା ପୂର୍ବରୁ ଧାନ ସବୁ କିଣିବା କଥା, ମାତ୍ର କାହାର ଟୋକନ ସରିଯାଇଛି, କାହାକୁ ଟୋକାନ ମିଳିନାହିଁ, ତେଣୁ ଦୁଇ ତିନି ଦିନ ମଧ୍ୟରେ ଚାଷୀର ସମସ୍ତ ଧାନ ବିକ୍ରୟ ନ ହେଲେ ଆସନ୍ତା ୩୦ ତାରିଖରେ ଜିଲ୍ଲାପାଳ ନିଜ ତତ୍ତ୍ୱାବଧାନରେ ହେଡ଼ କ୍ୱାର୍ଟରରେ ଏକ କେନ୍ଦ୍ରୀୟ ମଣ୍ଡି ଖୋଲି ସେହିଦିନ ସମସ୍ତ ବଳକା ଧାନ କିଣନ୍ତୁ। ଜିଲ୍ଲା ସଂଯୋଜକ ଦୁର୍ଗା ପ୍ରସାଦ ଦାଶ କହିଛନ୍ତି ଯେ, ପ୍ରଶାସନ ଚାଷୀଙ୍କୁ ଗିରଫ କଲା ପରେ ବି ତାଙ୍କ ମନ ଶାନ୍ତ ହେଲା ନାହିଁ, ଓଲଟା ଚକ୍ରାନ୍ତ କରି ୧୦ କେଜି କାଟ୍ ସହ ଗାଡ଼ି ଭଡ଼ା ବାବଦକୁ ଟଙ୍କା ଆଦାୟ କରୁଛନ୍ତି। ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ନେତୃତ୍ୱ ମାଧବାନନ୍ଦ ଶାନ୍ତି, ଚୌଧୁରୀ ଜେନା, ପ୍ରଫୁଲ୍ଲ ନାୟକ, ଧନଞ୍ଜୟ ବିଶ୍ୱାଳ ପ୍ରମୁଖ ଅଂଶଗ୍ରହଣ କରିଥିଲେ।



